## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ଅନୁଗୋଳ ଅଫିସ, ୧୧।୬- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ନୂଆପଡ଼ା ଗ୍ରାମରେ ଶନିବାର ସାପ କାମୁଡ଼ାରେ ମିଟୁ ରାଉତ(୫୫)ଙ୍କ ମୃତ୍ୟୁ ହୋଇଛି। ଖବରପାଇ ଅନୁଗୋଳ ପୋଲିସ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ମିଟୁ ସକାଳେ ଘରେ ଥିବା ପାଚିଲା ଆମ୍ବ ଖାଇବାକୁ ଆଣୁଥିଲେ। ଏହି ସମୟରେ ଆମ୍ବ ଭିତରେ ଲୁଚି ରହିଥିବା ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମିଟୁଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି।

### ସୁନାଗହଣା ସହ ନଗଦ ଟଙ୍କା ଚୋରି



ଅନୁଗୋଳ ଅଫିସ, ୧୧।୬: ଅନୁଗୋଳ ସହର ଓ ଉପକଣ୍ଠରେ ଚୋରି ଘଟଣା ବଢ଼ିବାରେ ଲାଗିଛି। ପୋଲିସକୁ ଚକମା ଦେଇ ଶୁକ୍ରବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଗୀତାଗ୍ରାମର ଶାଶ୍ୱତ କୁମାର ଦାସଙ୍କ ଘରୁ ଚୋରି କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଅନୁଗୋଳ ସହର ଉପକଣ୍ଠରେ ଥିବା ଗୀତାଗ୍ରାମର ଶାଶ୍ୱତ କୁମାର ଦାସ ପରିବାର ଲୋକଙ୍କୁ ନେଇ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଶୁକ୍ରବାର ଅପରାହ୍ନରେ ଯିବା ସମୟରେ ଘରେ ତାଲା ପକାଇ ଦେଇଥିଲେ। ସନ୍ଧ୍ୟାରେ ସେମାନେ ଫେରିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଥିବା ଆଲମାରି ମଧ ଭଙ୍ଗାଯାଇଥିଲା। ସେଥିରେ ଥିବା ନଗଦ ୫୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଜାଣି ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବୈଠକକୁ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ

ଛେଣ୍ଡିପଦା, ୧୧।୬ (ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭାଜପା ପକ୍ଷରୁ ଶନିବାର ଛେଣ୍ଡିପଦା ନିର୍ବାଚନମଣ୍ଡଳୀସ୍ତରୀୟ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଭାଜପା ଦଳୀୟ ପତାକା ଲଗାଯାଇଥିବା ଅଭିଯୋଗ ହୋଇଛି। ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, କୁକୁରପେଟା ସରପଞ୍ଚ ସସ୍ମିତା ସାହୁ, ସମିତିସଭ୍ୟ ସବିତା ସାହୁଙ୍କ ସମେତ ବହୁ ବରିଷ୍ଠ କର୍ମୀ ଏହି ବୈଠକରେ ଯୋଗ ଦେଇଥିଲେ। ତେବେ ପଞ୍ଚାୟତ କାର୍ଯ୍ୟାଳୟରେ ଦଳୀୟ ପତାକାକୁ ବିରୋଧ କରି ଅନୁଗୋଳ ଜିଲା ବିଜୁ ଜନତା ଦଳର ସହ ସମ୍ପାଦକ ପ୍ରଦୀପ କୁମାର ଗଡ଼ନାୟକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ଘଟଣାସ୍ଥଳକୁ ଯାଇ ଏହାର ଅନୁଧାନ କରିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ସୁରକ୍ଷା ଦେଇପାରୁନାହାନ୍ତି ସରକାର

■ରାଇନାଳୀ ଜଙ୍ଗଲରୁ ହେଉଛି କାଠ ଚାଲାଣ
■ରାତିରେ କ୍ୟାମ୍ପ କରି ଗଛ କାଟୁଛନ୍ତି ମାଫିଆ
■ବନ ବିଭାଗର ତତ୍ପରତା ନ ଥିବା ଅଭିଯୋଗ



ବଇଣ୍ଡା,୧୧।୬(ଡି.ଏନ.ଏ.)

ଗଛ କଟା ବିରୋଧରେ ଏବେ ସବୁଠି ଶାଣିତ ହେଉଛି ସ୍ୱର। ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ସମସ୍ତେ କରୁଛନ୍ତି ଦାବି। ଚାରା ରୋପଣରେ ଅଟକି ନ ଯାଇ ତାହାକୁ ବଞ୍ଚାଇବା ଉପରେ ଗୁରୁତ୍ୱ ଦେବାକୁ କରାଯାଉଛି ସଚେତନ। ହେଲେ ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ପେଡିପଥର ସେକ୍ସନ ଅଧୀନରେ ଥିବା ରାଇନାଳୀ ଜଙ୍ଗଲରୁ ଦୈନିକ ମୂଲ୍ୟବାନ ଗଛ କଟାଯାଇ ଚୋରା ଚାଲାଣ ହେଉଥିଲେ ମଧ ବନ ବିଭାଗ ତାହାକୁ ରୋକିପାରୁ ନାହିଁ। କାଠ ମାଫିଆମାନେ କ୍ୟାମ୍ପ କରି ଶତାଧିକ ଗଛ କାଟି ନେଉଥିବାରୁ ଏହି ଜଙ୍ଗଲ ପ୍ରତି ବିପଦ ସୃଷ୍ଟି ହୋଇଛି। ରାଇନାଳୀ ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଙ୍ଗଲର ସୁରକ୍ଷା ଦିଗରେ ସରକାରଙ୍କ ପକ୍ଷରୁ ଯଥେଷ୍ଟ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଠମଲ୍ଲିକ ଉପଖଣ୍ଡର ଅନେକ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ। ହଣ୍ଡପା ରେଞ୍ଜରେ ଥିବା ରାଇନାଳୀ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ରହିଛି। ୧୯୮୮ ମସିହାରେ ବନ ବିଭାଗ ପକ୍ଷରୁ ଏଠାରେ ୮ ହଜାର ୬୦୦ ଶାଗୁଆନ, ଶାଳ, ଶିଶୁ ଗଛ ଲଗାଯାଇଥିଲା। ଏହି ଗଛଗୁଡ଼ିକ ବଡ ହୋଇଯାଇଥିବାରୁ ଏହା ଉପରେ କାଠ ମାଫିଆଙ୍କ ନଜର ପଡ଼ିଛି। ସେମାନେ ରାତିରେ ଜଙ୍ଗଲରେ ଅସ୍ଥାୟୀ କ୍ୟାମ୍ପ କରି ଦାମୀ ଗଛଗୁଡ଼ିକୁ କଟରରେ କାଟି ଅନ୍ୟ ସ୍ଥାନରେ ଲୁଚାଇ ରଖୁଛନ୍ତି। ପରେ ତାହାକୁ ପଟା କରି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ଅନେକ ସମୟରେ ନାମୀଦାମୀ ଗାଡ଼ିରେ ଏହି ଚୋରା କାଠ, ପଟା ଚାଲାଣ କରାଯାଉଥିଲେ ମଧ ବନ ବିଭାଗ ପକ୍ଷରୁ ସେପରି ପଦକ୍ଷେପ ନିଆଯାଉ ନାହିଁ। ଏ ପରିକି ବନ କର୍ମଚାରୀମାନେ ରାତିରେ ଠିକ୍ ଭାବେ ପାଟ୍ରୋଲିଂ କରୁନାହାନ୍ତି। ସୁରକ୍ଷା କ୍ଷେତ୍ରରେ ବନ ବିଭାଗର ଏପରି ଅବହେଳାର ସୁଯୋଗ ନେଇ କାଠ ମାଫିଆମାନେ ସେମାନଙ୍କ କାର୍ଯ୍ୟକଳାପକୁ ଜୋର୍‌ଦାର କରିଛନ୍ତି। କେତେଜଣ ମାଫିଆ ବନ ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କୁ ହାତ କରି ନିର୍ଭୟରେ କାରବାର ଚଳାଇଛନ୍ତି। ଦୀର୍ଘଦିନ ହେଲା ଚାଲିଥିବା ଅବାଧ କାଠ ଚାଲାଣକୁ ରୋକା ନ ଗଲେ ଆଗାମୀ ଦିନରେ ଏହି ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଗ୍ରାମବାସୀ କହିଛନ୍ତି।

**ମୂଲ୍ୟବାନ ଗଛ ସଂଖ୍ୟା କମୁଛି**



“ କାଠ ମାଫିଆମାନେ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛଗୁଡ଼ିକ କାଟି ଚାଲାଣ କରିବାରେ ଲାଗିଛନ୍ତି। ଫଳରେ ଶିଶୁ, ଶାଳ ପରି ଦାମୀ ଗଛ ସଂଖ୍ୟା ହ୍ରାସ ପାଇଗଲାଣି। ବନ ବିଭାଗ ଜଙ୍ଗଲକୁ ସୁରକ୍ଷିତ ରଖିବାରେ ଅସଫଳ ହେଉଥିବାରୁ ଆଗାମୀ ଦିନରେ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

-ରଣଜିତ ପଟ୍ଟନାୟକ, ସାମାଜିକ କର୍ମୀ

**ରୋକାଯିବା ଅତ୍ୟନ୍ତ ଜରୁରୀ**



“ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ ପକ୍ଷରୁ ଚାରା ରୋପଣ, ବଣ୍ଟନ କରାଯାଉଛି। କିନ୍ତୁ ସେହି ଚାରାଗୁଡ଼ିକ ବଡ଼ ହୋଇଯିବା ପରେ ତାହାକୁ ସୁରକ୍ଷା ଦେଇପାରୁ ନାହିଁ। ଏହି କାରଣରୁ କାଠ ଚୋରମାନେ ରାତିରେ ଜଙ୍ଗଲରୁ ଗଛ ଲୁଟିବାରେ ଲାଗିଛନ୍ତି। ଏହାକୁ ରୋକାଯିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

-ନୀରଜକାନ୍ତ ସାହୁ, ସରପଞ୍ଚ, ପାଇକସାହି

**କଠୋର ପଦକ୍ଷେପ ଲୋଡ଼ା**



“ ଜଙ୍ଗଲ ନଷ୍ଟ ଯୋଗୁ ତାପମାତ୍ରାରେ ବୃଦ୍ଧି ପରିଲକ୍ଷିତ ହେଉଛି। ତଥାପି କିଛି ସ୍ୱାର୍ଥ ପାଇଁ ଜଙ୍ଗଲ କଟା ଚାଲିଛି। ଜଙ୍ଗଲ କ୍ଷୟ ଯୋଗୁ ଖାଦ୍ୟାଭାବ ଶିକାର ହେଉଥିବା ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି। ବନ ବିଭାଗ କଠୋର ପଦକ୍ଷେପ ନେଲେ କାଠ ଚୋରାଚାଲାଣ ରୋକାଯାଇପାରନ୍ତା।

-ନରେନ କୁମାର ପ୍ରଧାନ, ଆମ୍ବନାଳୀ

**ପାଟ୍ରୋଲିଂ କଡ଼ାକଡ଼ି କରାଯିବ**



“ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ବିଶେଷକରି କାଠ ଚାଲାଣ ରୋକିବା ଉପରେ ପଦକ୍ଷେପ ନିଆଯିବା ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା ସୃଷ୍ଟି କରାଯାଉଛି। ପାଟ୍ରୋଲିଂ କଡ଼ାକଡ଼ି କରାଯିବ।

-ସରୋଜ କୁମାର ମିଶ୍ର, ରେଞ୍ଜର

# ଭାଜପା ଓବିସି ମୋର୍ଚ୍ଚା ସମାବେଶ

ଅନୁଗୋଳ ଅଫିସ,୧୧।୬

ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତର କୁସୁମପାଟଠାରେ ଭାଜପା ଓବିସି ମୋର୍ଚ୍ଚାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାପତି ସରୋଜ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ଓବିସି ବର୍ଗର ଲୋକଙ୍କ ପାଇଁ କେନ୍ଦ୍ର ସରକାର ବହୁ ଯୋଜନା କରିଥିବା ବେଳେ ରାଜ୍ୟ ସରକାର ସମ୍ପୂର୍ଣ ଭାବେ ଓବିସି ବିରୋଧୀ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାର ଓବିସିଙ୍କ ପାଇଁ ଓବିସି କମିଶନ ଗଠନ କରି ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିଥିଲାବେଳେ ରାଜ୍ୟ ସରକାର ଓବିସି ସଂରକ୍ଷଣ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦିଲୀପ କୁମାର ପ୍ରଧାନ, ଦୁର୍ଗା ଚରଣ ପ୍ରଧାନ, ଯୁବମୋର୍ଚ୍ଚା ଜିଲା ସଭାପତି ସୁଦୀପ୍ତ ସ୍ୱାଇଁ, ମଣ୍ଡଳ ପ୍ରଭାରୀ ସୋମନାଥ ଗଡ଼ନାୟକ, ସାଧାରଣ ସମ୍ପାଦକ ଲକ୍ଷଣ ସାହୁ ମଞ୍ଚାସୀନ ଥିଲେ। ଓବିସି ମୋର୍ଚ୍ଚା ଜିଲା ସମ୍ପାଦକ ହରେକୃଷ୍ଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଖଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ସମିତି ସଭ୍ୟା ସୀତା ନାୟକଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଦସ୍ୟ ଯୋଗ ଦେଇଥିଲେ। ଓବିସି ମୋର୍ଚ୍ଚାର ଶତାଧିକ ପଦାଧିକାରୀ ଏଥିରେ ଯୋଗ ଦେଇଥିଲେ।



ସମାବେଶରେ ଭାଜପାର ବରିଷ୍ଠ ନେତାଙ୍କ ସହ ଅନ୍ୟମାନେ।

# ୧୫ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବଅଁରପାଳ,୧୧।୬(ଡି.ଏନ.ଏ.)

ବଅଁରପାଳ ବ୍ଲକ ନୂଆହଟା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ୧୫ଟି ଜୋନ୍‌ର ୧୫ ନିର୍ଦ୍ଦେଶକ ପଦବୀ ପାଇଁ ଗତ ୬ ତାରିଖରେ ୧୫ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ସମସ୍ତଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ସେମାନେ ନିର୍ଦ୍ଦେଶକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧ ନଂ. ଜୋନ୍‌ରେ ଅଭୟ ସେନାପତି, ୨ନଂ.ରେ ଗତିକୃଷ୍ଣ ସିଂ, ୩ନଂ. ଭୋଲେଶ୍ୱର ବିଶ୍ୱାଳ, ୪ନଂ.ରେ ଫକୀର ନାୟକ, ୫ନଂ.ରେ ଶ୍ରୀପତି ଭୂତିଆ, ୬ନଂ.ରେ ଗଣେଶ୍ୱର ରାଉତ, ୭ନଂ.ରେ ହେମଲତା ବରାହ, ୮ନଂ.ରେ ଗୀତାଞ୍ଜଳି ସେନାପତି, ୯ନଂ.ରେ ଝରଣା ବେହେରା, ୧୦ ନଂ.ରେ ବିଭୂତି ଭୂଷଣ ଗଡନାୟକ, ୧୧ନଂ. ଅଶୋକ ପ୍ରଧାନ, ୧୨ ନଂ.ରେ ଦମୟନ୍ତୀ ବେହେରା, ୧୩ ନଂ.ରେ ବାଲୁଙ୍କେଶ୍ୱର ପ୍ରଧାନ, ୧୪ନଂ.ରେ ଲୀନା ଜେନା ଓ ୧୫ ନଂ. ଜୋନରେ ଆରତି ବେହେରା ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମସ୍ତେ ନିର୍ବାଚିତ ହୋଇଥିବାରୁ ଏଠାରେ ଆଉ ନିର୍ବାଚନ ହେବ ନାହିଁ। ନିର୍ବାଚନ ଅଧିକାରୀ ଭାବେ ଦୀନବନ୍ଧୁ ସାହୁ, ସମ୍ପାଦକ ବିଶ୍ୱନାଥ ମହାଳିକ ପରିଚାଳନା କରିଥିଲେ।



# ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି

କଣିହାଁ,୧୧।୬(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ବ୍ୟାରେଜ ବିଷ୍ଣୁ ମନ୍ଦିରରେ ଶନିବାର ବିସ୍ଥାପନ ମଞ୍ଚ ତରଫରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ସଭାପତି ଜଗମୋହନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ପ୍ରଧାନ, ୯ ନମ୍ବର ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, କୁଲେଇ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଗଡନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିସ୍ଥାପନ ମଞ୍ଚ ତରଫରୁ ସମଲ ବ୍ୟାରେଜ ଦ୍ୱାରା କ୍ଷତିଗ୍ରସ୍ତ ଓ ବିସ୍ଥାପନ ଜନିତ ସମସ୍ୟାର ସମାଧାନ ନେଇ ଦାବି ଉପସ୍ଥାପନ କରାଯାଇଥିଲା। ସେଗୁଡିକର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଏମ୍‌ପି ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଏମ୍‌ପି ସାହୁ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ଜନ ଅଭିଯୋଗ ଶୁଣାଣି ଶିବିରି ପ୍ରଜାମଣ୍ଡଳ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବହୁ ଜନସାଧାରଣ ଯୋଗଦେଇ ନିଜ ନିଜ ଅଞ୍ଚଳର ସମସ୍ୟା ଜଣାଇଥିଲେ। ଉକ୍ତ ସମସ୍ୟାର କିପରି ସମାଧାନ କରାଯାଇପାରିବ ସେ ନେଇ ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ପରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଣିହାଁ ଅଞ୍ଚଳର ଖବରଦାତାମାନଙ୍କ ସହ ଏମ୍‌ପି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ପ୍ରଜାମଣ୍ଡଳଭବନ ପରିସରରେ ଏମ୍‌ପିଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଓ ଅନ୍ୟମାନେ।

# ୨୬ରେ ସାଧାରଣ ଅଧିବେଶନ

ଅନୁଗୋଳ ଅଫିସ, ୧୧।୬

ଆସନ୍ତା ୨୬ ତାରିଖରେ ଅନୁଗୋଳ ଟାଉନ୍‌ହଲଠାରେ ଅନୁଗୋଳ ବ୍ରାହ୍ମଣ ମହାସଂଘର ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ। ଏହି ଅଧିବେଶନ ପାଇଁ ମହାସଂଘର କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଅଧିବେଶନରେ ଅନୁଗୋଳ ସହର ତଥା ଜିଲାର ଅଧିକରୁ ଅଧିକ ବ୍ରାହ୍ମଣ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ଏଥିସହ ସାଧାରଣ ସଭାର ସୁପରିଚାଳନା ପାଇଁ ଆଲୋଚନା ପ୍ରସ୍ତୁତି ବୈଠକରେ କରାଯାଇଥିଲା। ସଙ୍ଗଠନକୁ ସୁଦୃଢ଼ ଓ ଲୋକାଭିମୁଖୀ କରି ବ୍ରାହ୍ମଣମାନଙ୍କ ଉପକାର ପାଇଁ ସାଙ୍ଗଠନିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ବୈଠକରେ ବ୍ୟୋମକେଶ ଶତପଥୀ, ସୂର୍ଯ୍ୟନାରାୟଣ ମିଶ୍ର, ଆରତଭଞ୍ଜନ ଦାଶ, ସରୋଜ କୁମାର ପାଣିଗ୍ରାହୀ, ବାସୁଦେବ ହୋତା, ସମ୍ପାଦକ ପ୍ରଭାତ କୁମାର ରଥ, ପ୍ରଦୀପ କୁମାର ମିଶ୍ର ଓ ରାମାନନ୍ଦ ପଣ୍ଡା ଉପସ୍ଥିତ ରହି ନିଜ ନିଜର ମତ ରଖିଥିବା ମହାସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ବୈଠକରେ ଉପସ୍ଥିତ ବ୍ରାହ୍ମଣ ମହାସଂଘ କର୍ମକର୍ତ୍ତାମାନେ।

**ଅନୁଗୋଳ ବ୍ରାହ୍ମଣ ମହାସଂଘ ବୈଠକ**

### ସାଧାରଣ ସଭା କାର୍ଯ୍ୟସୂଚୀରେ ପରିବର୍ତ୍ତନ

ଅନୁଗୋଳ ଅଫିସ,୧୧।୬

ଅନୁଗୋଳ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ଏକ ସାଧାରଣ ସଭା ରବିବାର ହେବାର ଥିଲା। କିନ୍ତୁ ଏହି ବୈଠକ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଏହି ସାଧାରଣ ସଭା ୧୨ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଗୋଳସ୍ଥିତ ବେଦଭବନଠାରେ ଅନୁଷ୍ଠିତ ହେବ ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସମ୍ପାଦକ ହେମନ୍ତ ଦାଶ ସୂଚନା ପ୍ରଦାନ କରିଛନ୍ତି। ଅନିବାର୍ଯ୍ୟ କାରଣ ପାଇଁ ଉକ୍ତ ବୈଠକ ବନ୍ଦ ରହିଥିବାରୁ ସୋମବାର ସଭାରେ ପରିଚାଳନା ସମିତିର ସମସ୍ତ ସଦସ୍ୟା ଓ ସଦସ୍ୟ ଯୋଗ ଦେଇ ଏହାକୁ ସଫଳ କରିବାକୁ ସମ୍ପାଦକ ହେମନ୍ତ ଦାସ ଅନୁରୋଧ କରିଛନ୍ତି।

# ‘ସରକାର ଶୀଘ୍ର ଘୋଷଣା କରନ୍ତୁ’

ଅନୁଗୋଳ ଅଫିସ/ତାଳଚେର,୧୧।୬

**ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପ୍ରସଙ୍ଗ**

ତାଳଚେର ମେଡିକାଲ କଲେଜ କେବେ କାର୍ଯ୍ୟକ୍ଷମ ହେବ ସେ ନେଇ ରାଜ୍ୟ ସରକାର ଘୋଷଣା କରିବାକୁ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଦାବି କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଏକ ଟୁଇଟ କରିଛନ୍ତି। ସାମଲ ଉଲ୍ଲେଖ କରିଛନ୍ତି, ମେଡିକାଲ କଲେଜ ରାଜ୍ୟ ସରକାର ଚଳାଇବେ ବୋଲି ଏମ୍‌ସିଏଲ୍ ସହିତ ପୂର୍ବରୁ ବୁଝାମଣା ହୋଇଥିଲା। କିନ୍ତୁ ରାଜ୍ୟ ସରକାର ଏହାର ପରିଚାଳନା ଦାୟିତ୍ୱ ଏକ ବେସରକାରୀ ସଂସ୍ଥାକୁ ଦେବା ପାଇଁ ମସୁଧା ଚଳାଇଥିଲେ। ତେବେ ତାଳଚେରରେ ବ୍ୟାପକ ଜନ ଆନ୍ଦୋଳନ ଓ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ପରିଚାଳନା ନେଇ ରାଜ୍ୟ ସରକାର ରାଜି ହେବା ସହ ଖର୍ଚ୍ଚ ଦାୟିତ୍ୱ ନେଇ ଏମ୍‌ସିଏଲ୍ ଠାରୁ ସ୍ପଷ୍ଟୀକରଣ ମାଗିଥିଲେ। ଏମ୍‌ସିଏଲ୍ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇସାରିଥିଲେ ମଧ ଏହା କେବେ କାର୍ଯ୍ୟକ୍ଷମ କରିବେ ସେ ନେଇ ସରକାର ଘୋଷଣା କରୁନାହାନ୍ତି। ତେଣୁ ମେଡିକାଲ କଲେଜ କେବେ ଖୋଲିବ ଅତିଶୀଘ୍ର ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଟୁଇଟ୍‌ରେ କହିଛନ୍ତି।

# ଅଗଷ୍ଟ ୧୩ରେ ରାମଚଣ୍ଡୀଙ୍କ ବାର୍ଷିକ ପୂଜା

ଛେଣ୍ଡିପଦା,୧୧।୬(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ରାମଚଣ୍ଡୀଙ୍କ ୪ ଦିନ ବ୍ୟାପୀ ବାର୍ଷିକ ଯାତ୍ରା, ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଶନିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୧୩ ତାରିଖରେ ଏହି ପୂଜା ହେବ ବୋଲି ମା’ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। କୋଶଳା ଗ୍ରାମ ସଭାପତି ବ୍ରଜକିଶୋର ସାହୁଙ୍କ ସଭାପତିତ୍ୱରେ ବୈଠକରେ ମା’ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ, ଗ୍ରାମର ଦଳପତି ବୃନ୍ଦ, ମାନ୍ୟଗଣ୍ୟ ବ୍ୟକ୍ତି, ରାମଚଣ୍ଡୀ ସେବାସଂଘ ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉକ୍ତ ଯାତ୍ରା, ପୂଜାର ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ସହ ପୂଜା ସମାପନ ନେଇ ଆଲୋଚନା ହୋଇଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା, ପାନୀୟ ଜଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ବ୍ୟବସାୟୀମାନଙ୍କ ସୁରକ୍ଷା ଏବଂ ଭକ୍ତମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯିବାକୁ ସ୍ଥିର କରାଯାଇଥିଲା। ନୀରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପୂଜା ମଣ୍ଡପରେ ଶୃଙ୍ଖଳା ସହ ଅନ୍ୟାନ୍ୟ ବହୁ ସମସ୍ୟାର ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଟ୍ରଷ୍ଟ ବୋର୍ଡ ସଭାପତି ତଥା ସରପଞ୍ଚ ଉଦିତ କୁମାର ପ୍ରଧାନ ଓ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

# ୧୫ରେ ଇଏସ୍‌ଆଇ ହସ୍ପିଟାଲର ଉଦ୍‌ଘାଟନ

ଅନୁଗୋଳ ଅଫିସ,୧୧।୬

■ଯୋଗଦେବେ ୨ କେନ୍ଦ୍ରମନ୍ତ୍ରୀ
■ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ଅନୁଗୋଳ ଜିଲା ନାଲ୍‌କୋ ବଳରାମପ୍ରସାଦସ୍ଥିତ ଇଏସ୍‌ଆଇ ହସ୍ପିଟାଲ ଆସନ୍ତା ୧୫ ତାରିଖରେ ଉଦ୍‌ଘାଟିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଶ୍ରମ, ନିଯୁକ୍ତି, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ବଳରାମପ୍ରସାଦ ହିଙ୍ଗୁଳା ମନ୍ଦିର ନିକଟ ଯାତ୍ରା ପଡିଆଠାରେ ଏକ ବିରାଟ ଜନ ସମାବେଶରେ ୨ କେନ୍ଦ୍ରମନ୍ତ୍ରୀ ଉଦ୍‌ବୋଧନ ଦେବେ। ଏ ନେଇ ଅନୁଗୋଳ ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ସମେତ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ବରିଷ୍ଠ ନେତା ଯଯାତି ପଟ୍ଟନାୟକ ଓ ଦିଲୀପ ପ୍ରଧାନ, ଜିଲା ଉପ ସଭାପତି ଅମୀୟ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ଓ ସୁଦୀପ ଗଡ଼ନାୟକ, କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ଜିଲା ମିଡିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ସୋମନାଥ ରାଉତ, ପ୍ରଶାନ୍ତ ନନ୍ଦ, ଅନିଲ ବେହେରା, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ସମେତ ସମସ୍ତ ପଦାଧିକାରୀ ଯୋଗ ଦେଇଥିଲେ। ଆସନ୍ତା ୧୫ ତାରିଖରେ ସମସ୍ତ ୩୧ଟି ମଣ୍ଡଳରୁ କୋଡିଏ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ଯୋଗ ଦେବେ ବୋଲି ବୈଠକରେ ସୂଚନା ଦିଆଯାଇଛି।



ବୈଠକରେ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### କଙ୍କଡ଼ାହାଡ଼ରେ ସିରିଜ୍ ଚୋରି



**ପରଜଙ୍ଗ, ୧୧।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ସଦର ମହକୁମାରେ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍ଥାନୀୟ କଲେଜ ରୋଡ୍‌ରେ ରହୁଥିବା ପ୍ରକାଶ ବିଶ୍ୱାଳଙ୍କ ଘରୁ ଏକ ମୋବାଇଲ, ଗଣେଶ୍ୱର ଦେହୁରୀଙ୍କ ଘରେ ଭଡ଼ାରେ ରହୁଥିବା କନ୍ଧରା ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ଗୋଟିଏ ଏଲ୍‌ଇଡି ଟିଭି, ଇନଭର୍ଟର ଚୋରି କରି ନେଇଯାଇଛନ୍ତି। ରଞ୍ଜନ ସାହୁଙ୍କ ଘର ଏବଂ ତ୍ରିନାଥ ପ୍ରଧାନଙ୍କ ଦୋକାନ ତାଲା ଭାଙ୍ଗିଥିଲେ ମଧ ଚୋରି କରିବାରେ ବିଫଳ ହୋଇଛନ୍ତି। ଏ ସମ୍ପର୍କରେ ଶନିବାର ଥାନାରେ ଅଭିଯୋଗ ପରେ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ କୁହନ୍ତି, ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବ।

### ବାରବାଟୀ ଟି-୨୦ ପାଇଁ ଅମିୟ ଚାନ୍ଦ ଭାଷ୍ୟକାର

**ଢେଙ୍କାନାଳ ଅଫିସ୍, ୧୧।୬:** କଟକ ବାରବାଟୀ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବ ବହୁ ପ୍ରତୀକ୍ଷିତ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍। ଏଥିରେ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇବେ ଢେଙ୍କାନାଳ ବାସିନ୍ଦା ତଥା ଆନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦ। ଅମିୟଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଜିଲାର କ୍ରୀଡ଼ାବିତ୍‌ମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଓଡ଼ିଶାର ପ୍ରଥମ କ୍ରୀଡ଼ା ଘୋଷକ ଭାବେ ୧୯୯୬ରେ ଓ୍ୱିଲ୍ସ ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍ (ଭାରତ ବନାମ କେନିଆ), ୨୦୧୩ ଆଇସିସି ମହିଳା ବିଶ୍ୱକପରେ ଅମିୟ ସଫଳ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ।

### ଶିକ୍ଷାବିତ୍ ଲକ୍ଷ୍ମଣ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ,୧୧।୬:** ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ୍ ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମଣ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ରାମେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତାଭାବେ ପୂର୍ବତନ ଶିକ୍ଷକ ଯମେଶ୍ୱର ପୃଷ୍ଟି, ସମ୍ମାନିତ ଅତିଥି ପୂର୍ବତନ ଶିକ୍ଷକ ଦୋଳଗୋବିନ୍ଦ ଆଚାର୍ଯ୍ୟ, ନାରାୟଣ ପଟ୍ଟନାୟକ, ନିମାଇଁ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟ ଗଢ଼ିବା ଏବଂ କୃତୀ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ତାଙ୍କର ଅବଦାନ ଅନନ୍ୟ ବୋଲି ପୁରାତନ ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଥିଲେ। ଲୋକନାଥ ଷଡ଼ଙ୍ଗୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଶକ୍ତି ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ପର୍ଯ୍ୟଟନ ବିକାଶ ପାଇଁ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ୍’



ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ‘ମାଇଲ୍ସ ଟୁ ଗୋ’ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

■ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

■ସମ୍ବର୍ଦ୍ଧିତ ହେଲେ ସାମାଜିକକର୍ମୀ, କଳାକାର, କାରିଗର, ଚାଷୀ

**ଢେଙ୍କାନାଳ ଅଫିସ, ୧୧।୬**

ଢେଙ୍କାନାଳର ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଖୁବ୍‌ଶୀଘ୍ର ମାଷ୍ଟର ପ୍ଲାନ୍ କରାଯିବ। ଜନପ୍ରତିନିଧି, ଜିଲାପାଳ, ରାଜ୍ୟସ୍ତରୀୟ ସଚିବମାନଙ୍କ ସହ ଏ ନେଇ ଆଲୋଚନା କରାଯିବ। ଏହାପରେ ପର୍ଯ୍ୟାୟକ୍ରମେ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ହେବ। ସମସ୍ତଙ୍କ ସହଯୋଗରେ ଓଡ଼ିଆ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୋଇପାରିବ ବୋଲି କହିଛନ୍ତି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର। ସପ୍ତଶଯ୍ୟାସ୍ଥିତ କଳାକୃତିଗ୍ରାମ ସଦେଇବେରେଣୀ-ନବଜୀବନପୁରରେ ଦୁଇଦିନ ଧରି ଚାଲିଥିବା ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓର୍‌ମାସ, ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ କହିଲେ, ଢେଙ୍କାନାଳରେ କପିଳାସ, ସପ୍ତଶଯ୍ୟା, ଯୋରନ୍ଦା, କୁଆଁଲୋ ଅଷ୍ଟଶମ୍ଭୁ ମନ୍ଦିର, ଅନନ୍ତଶୟନ, ଦଦରାଘାଟି, ଦଣ୍ଡାଧାର ଜଳଭଣ୍ଡାର ଭଳି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ରହିଛି। ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ସେ ନିବେଦନ କରିଥିଲେ। ବିଧାୟକ ସୁଧୀର କୁମାର ସାମଲ କହିଲେ, ଡୋକ୍ରା ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ ନବଜୀବନପୁରରେ ଏଭଳି ମହୋତ୍ସବର ଆୟୋଜନ କରାଯିବା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଜାତୀୟସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା ଡୋକ୍ରା ହସ୍ତଶିଳ୍ପର ପ୍ରଚାରପ୍ରସାର ହୋଇପାରିବ। ଜିଲାର ଐତିହ୍ୟସମ୍ପନ୍ନ ମଠମନ୍ଦିରଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ଦେଇଛନ୍ତି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଗଁଦିଆ, ସପ୍ତଶଯ୍ୟାରେ ମୋବାଇଲ ଟାୱାର ସ୍ଥାପନ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ଉପସ୍ଥିତ ଥିଲେ।

ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ନେଇ ପ୍ରସ୍ତୁତ ପୁସ୍ତିକା ‘ମାଇଲ୍ସ ଟୁ ଗୋ’ ଉନ୍ମୋଚିତ ହୋଇଥିଲା। ସମାଜସେବା ପାଇଁ ଗଙ୍ଗାଧର ସାମଲ, ଡାକସେବା ପାଇଁ ସୋହନ କୁମାର ମାହୁନ୍ତ, କୃଷି ପାଇଁ ଅଜୟ ପୃଷ୍ଟି, ଅଜିତ ମହନ୍ତ, ଅଶୋକ ପାଣି, ହସ୍ତଶିଳ୍ପ ପାଇଁ ରାଘବ ମହାରଣା, ଦଣ୍ଡନୃତ୍ୟ କଳାକାର ମଦନ ଭୋଳ, ପାଲାଗାୟକ କପିଳେଶ୍ୱର ବେହେରା, ବାଲୁକାଶିଳ୍ପୀ ଦୁଃଖବନ୍ଧୁ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ଅବନୀ ମିଶ୍ର, ସତ୍ୟସ୍ୱରୂପ ଦାସ, ସୁଶାନ୍ତ ପାଣି, ପିଙ୍କି ଝାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଝୁମାଇଲେ ତମନ୍ନା

ମହୋତ୍ସବର ଉଦ୍‌ଯାପନୀ ଦିବସରେ ଆକର୍ଷଣ ସାଜିଥିଲେ ଓଲିଉଡ୍ ଅଭିନେତ୍ରୀ ତମନ୍ନା। ବିଭିନ୍ନ ଓଡ଼ିଆ ଗୀତରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲେ। ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଟକର ସିଂଘମ୍, ରାୟଗଡ଼ାର ଢେମସା, ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ, ଗଞ୍ଜାମର ଛଉନୃତ୍ୟ ଦଳର କଳାକାରଙ୍କ ନୃତ୍ୟସଙ୍ଗୀତ ଦର୍ଶକଙ୍କୁ ଅଭିଭୂତ କରିଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ୪୦ଟି ଷ୍ଟଲ୍ ମାଧ୍ୟମରେ ହସ୍ତକଳା ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।



କଟକର ସିଂଘମ୍ ନୃତ୍ୟାନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ମଞ୍ଚରେ ଓଲିଉଡ୍ ଅଭିନେତ୍ରୀ ତମନ୍ନା।

# ହାତୀଙ୍କୁ ଅଟକାଇବେ ମହୁମାଛି

**ଢେଙ୍କାନାଳ ଅଫିସ, ୧୧।୬**



ହାତୀ ଉପଦ୍ରବ ରୋକିବା ପାଇଁ ସଦର ରେଞ୍ଜ୍ କାଳିକାପ୍ରସାଦ ଅଞ୍ଚଳରେ ମହୁବାକ୍ସ ଲଗାଯାଉଛି।

■ହ୍ରାସ ପାଇବ ହାତୀ-ମଣିଷ ସଂଘର୍ଷ

■ଉପଦ୍ରୁତ ଅଞ୍ଚଳରେ ଲାଗିଲା ମହୁବାକ୍ସ

ଢେଙ୍କାନାଳର ଶୀତଳ ଜଳବାୟୁ, ସଂରକ୍ଷିତ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ଐତିହ୍ୟ ମାନ୍ୟତାପ୍ରାପ୍ତ ପ୍ରାଣୀ ହାତୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଜିଲାରେ ହାତୀବଂଶ ବୃଦ୍ଧି ଘଟୁଥିବାବେଳେ ସମାନ୍ତରାଳ ଭାବେ ବଢିଚାଲିଛି ମଣିଷ ସହିତ ସେମାନଙ୍କ ସଂଘର୍ଷ। ଏହାର ପ୍ରତିକାର ଲାଗି ହାତୀ ଉପଦ୍ରୁତ ଜିଲାରେ ଆରମ୍ଭ ହୋଇଛି ଏକାଧିକ ପ୍ରକଳ୍ପ। କେଉଁଠି ରେଳଧାରଣା ଉପରେ ଚଲାପଥ କରିବା ଲାଗି ଯୋଜନା କରାଯାଉଛି ତ ଅନ୍ୟ କେଉଁଠି ହାତୀ ଚଲାପଥକୁ ଅବରୋଧ ମୁକ୍ତ କରିବାକୁ ଚାଲିଛି ବ୍ଲୁପ୍ରିଣ୍ଟ ପ୍ରସ୍ତୁତି। ଏବେ ଏଥିରେ ଯୋଡ଼ିହୋଇଛି ଆଉ ଏକ ପାଇଲଟ୍ ପ୍ରୋଜେକ୍ଟ ‘ରିଡ୍ୟୁସ୍‌ଡ୍ ଏଲିଫ୍ୟାଣ୍ଟ ହ୍ୟୁମାନ୍ ଆଟାକ୍ ୟୁଜିଙ୍ଗ୍ ବି’ ବା ‘ରେହାବ’। ପୂର୍ବରୁ ମହୁମାଛିଙ୍କୁ ଉପଯୋଗ କରି ହାତୀଙ୍କୁ ଘଉଡ଼ାଇବାକୁ ନେଇ ପ୍ରକଳ୍ପ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଏହା ସ୍ଥାଣୁ ପାଲଟିଯାଇଥିଲା। ଏବେ ପୁନର୍ବାର ଏହାକୁ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ସଦର ରେଞ୍ଜ୍ କାଳିକାପ୍ରସାଦ ଅଞ୍ଚଳରେ ମହୁମାଛି ବାକ୍ସ ଲଗାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ପରିବର୍ଦ୍ଧିତ କରାଯିବାକୁ ଯୋଜନା ରହିଛି।

ହାତୀ ମୃତ୍ୟୁକୁ ନେଇ ଜାତୀୟସ୍ତରରେ ଦୁର୍ନାମ ମୁଣ୍ଡାଇଛି ଓଡ଼ିଶା। ଢେଙ୍କାନାଳରେ ମଧ ହାତୀ-ମଣିଷ ମଧ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଛି। ଜିଲାରେ ଗତ ୫ ବର୍ଷରେ ହାତୀ ଆକ୍ରମଣରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ବିଭିନ୍ନ କାରଣରୁ ୭୬ ହାତୀଙ୍କ ଜୀବନ ମଧ ଯାଇଛି। କେବଳ ୨୦୨୧-୨୨ ବର୍ଷରେ ୧୧ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଲୋକ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଛନ୍ତି। ଚଲାପଥ ସଙ୍କୁଚିତ ହେଉଥିବାରୁ ହାତୀପଲ ବାଟହୁଡ଼ି ଜନବସତିରେ ପଶୁଛନ୍ତି। ଫଳରେ ହାତୀ-ମଣିଷ ମୁହାଁମୁହିଁ ହେଉଛନ୍ତି। ହାତୀ ଉପଦ୍ରବରୁ ଧନଜୀବନକୁ ସୁରକ୍ଷା ଦେବାକୁ କାଳିକାପ୍ରସାଦ ଅଞ୍ଚଳରେ ସ୍ଥାନୀୟ ବନ ସଂରକ୍ଷଣ ସମିତି ସହଯୋଗରେ ମହୁମାଛି ବାକ୍ସ ଲଗାଯାଇଛି।

ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦରେ ହାତୀ ଅଳ୍ପ ସମୟ ମଧ୍ୟରେ ବ୍ୟତିବ୍ୟସ୍ତ ହୋଇପଡ଼େ। ହାତୀର କାନ ବଡ଼ ହୋଇଥିବାରୁ ଏହି ଶବ୍ଦ ତାକୁ ବିବ୍ରତ କରିପକାଏ। ତେଣୁ ମହୁମାଛି ମାଧ୍ୟମରେ ହାତୀଙ୍କ ଉପରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ମହୁମାଛି ବାକ୍ସ ପାଖକୁ ହାତୀ ଆସିଲେ ସେମାନେ ଜନବସତିମୁହାଁ ନ ହୋଇ ଜଙ୍ଗଲକୁ ପଳାଇଯିବେ। ତଦନୁଯାୟୀ ହାତୀ ଉପଦ୍ରୁତ ଅଞ୍ଚଳରେ ମହୁବାକ୍ସ ରଖାଯାଉଛି।

ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହାତୀ ଉପଦ୍ରବକୁ ରୋକିବା ପାଇଁ ସଦର ରେଞ୍ଜ୍ କାଳିକାପ୍ରସାଦଠାରେ ରେହାବ ପ୍ରକଳ୍ପ ମାଧ୍ୟମରେ ମହୁବାକ୍ସ ଲଗାଯାଇଛି। ମହୁମାଛିଙ୍କ ଶବ୍ଦ ଶୁଣିଲେ ହାତୀ ଜନବସତି ପାଖକୁ ଆସିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

# ଗୋଁଣ୍ଡ ସଂସ୍କୃତି ସୁରକ୍ଷାକୁ ଗୁରୁତ୍ୱ

**ପରଜଙ୍ଗ, ୧୧।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ରାମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ସପ୍ତମ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ଗୋଁଣ୍ଡ ଭାଷା ଏବଂ ସଂସ୍କୃତିର ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର ନାୟକ, ସମ୍ମାନିତ ଅତିଥି ରାଜ୍ୟ ସଭାନେତ୍ରୀ ସୁକାନ୍ତିବାଳା ନାୟକ, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ମହାସଚିବ ଗୋରେଖନାଥ ନାୟକ, ଅନୁଗୋଳ ଜିଲା ସଭାପତି ସଦାଶିବ ନାୟକ, ଉପସଭାନେତ୍ରୀ ଯଶୋଦା ମାନସିଂ, ମୁଖ୍ୟବକ୍ତା ରାଜ୍ୟ ଉପସଭାନେତ୍ରୀ ଦମୟନ୍ତୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ନାୟକ, ଢେଙ୍କାନାଳ ଜିଲା ସଭାପତି କୁଳମଣି ସିଂ, ଯୁବ ସଭାପତି ବାବୁଲାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜଙ୍ଘାଲିଙ୍ଗା ବଡ଼ଦେବାଙ୍କ ପୂଜାର୍ଚ୍ଚନା ପରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଶିକ୍ଷା, ରାଜନୀତି, ଚାକିରି କ୍ଷେତ୍ରରେ ସମାଜର କେତେଜଣ ପାରଦର୍ଶିତା ଅର୍ଜନ କରିଛନ୍ତି, ତାହାର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିବା, ଗୋଁଣ୍ଡ ଭାଷାକୁ ମାନ୍ୟତା, ଜଳ, ଜଙ୍ଗଲ, ଜମିର ସୁରକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କୁଳମଣି ସିଂ, ଉପସଭାପତି ବିଷ୍ଣୁ ଚରଣ ସିଂ, ମହାସଚିବ ବିଦ୍ୟାଧର ସିଂ, କୋଷାଧ୍ୟକ୍ଷ ଭାବେ ପେସ୍କାର ସିଂଙ୍କୁ ଚୟନ କରାଯାଇଛି।




କାର୍ଯ୍ୟକ୍ରମରେ ସମାଜର କର୍ମକର୍ତ୍ତାମାନେ।

# ମେଡ଼ିକାଲ ପଠାଇଲେ ଜିଲା ପରିଷଦ ସଭ୍ୟ



### ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାସ୍ତାକଡ଼ରେ ପଡ଼ିଥିଲେ ବୃଦ୍ଧ

**ପରଜଙ୍ଗ, ୧୧।୬(ଡି.ଏନ୍.ଏ.)**

ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାସ୍ତାକଡ଼ରେ ପଡ଼ିଥିବା ଜଣେ ଅସହାୟ ବୃଦ୍ଧଙ୍କୁ ସହାୟତାର ହାତ ବଢ଼ାଇ ମାନବିକତାର ପରିଚୟ ଦେଇଛନ୍ତି କଙ୍କଡ଼ାହାଡ଼ ବ୍ଲକ ୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ। ସମ୍ପୃକ୍ତ ବୃଦ୍ଧଙ୍କୁ ମେଡିକାଲରେ ଭର୍ତ୍ତି କରିବା ସହ ତାଙ୍କର ସମସ୍ତ ଦାୟିତ୍ୱ ଜିଲା ପ୍ରଶାସନ ନେଉ ବୋଲି ସେ ଦାବି କରିଛନ୍ତି।

କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ଗ୍ରାମରେ ରୁହନ୍ତି ଭିନ୍ନକ୍ଷମ ଭାଗୀରଥି ନାଏକ। ବୟସ ୭୦ ଟପିଲାଣି। ତାଙ୍କ ପୈତୃକ ଘର ବିରିବୋଲେଇ ପଞ୍ଚାୟତ ଜାଙ୍ଗୁ ଗାଁରେ। ସେ ଘର ଜ୍ୱାଇଁ ହୋଇ ଘାଘରାମୁଣ୍ଡାରେ ରହୁଥିଲେ। ତାଙ୍କର ଦୁଇ ସନ୍ତାନ। ପୁଅ ଅନୁଗୋଳରେ ବିବାହ କରିଥିବାବେଳେ ଘରକୁ ଆସୁନାହାନ୍ତି। ଝିଅଙ୍କ ବିବାହ ହୋଇଯାଇଛି। ସ୍ତ୍ରୀଙ୍କ ଦେହାନ୍ତ ପରେ ପକ୍ଷାଘାତରେ ଆକ୍ରାନ୍ତ ହୋଇ ସେ ରୋଗଗ୍ରସ୍ତ ହୋଇପଡ଼ିଥିଲେ। ଗୁରୁଣ୍ଡୁ ଗୁରୁଣ୍ଡି ଚାଲୁଥିଲେ। ରହିବା ପାଇଁ ଘର ନ ଥିବାରୁ ଏଣେତେଣେ ଆଶ୍ରୟ ନେବା ସହ ମାଗିଯାଚି ଖାଉଥିଲେ। କିଛିଦିନ ହେଲା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲେ। ଗାଁ ପାଖ ରାସ୍ତାକଡ଼ରେ ପଡ଼ିଥିବା ସୂଚନା ପାଇ ଜିଲା ପରିଷଦ ସଦସ୍ୟ ସାହୁ ତାଙ୍କୁ ସହାୟତା କରିବାକୁ ଆଗେଇ ଆସିଥିଲେ। ୧୦୮ ଆମ୍ବୁଲାନ୍ସରେ ଖମାର ମେଡିକାଲକୁ ପଠାଇଥିଲେ। ଭାଗୀରଥିଙ୍କୁ ସରକାରୀସ୍ତରରେ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇ ଦେବା ସହ ବୃଦ୍ଧାଶ୍ରମରେ ଥଇଥାନ କରିବାକୁ ଜିଲା ପରିଷଦ ସଦସ୍ୟ ନିବେଦନ କରିଛନ୍ତି।

# ନିଯୁକ୍ତି ଦାବି କଲେ ଜମିହରା



### ରିମ୍‌ଝିମ୍ କମ୍ପାନୀ ସମ୍ମୁଖରେ ଧାରଣା

■ସୋମବାର ସୁଦ୍ଧା ସମାଧାନ ନ ହେଲେ ଫାଟକରେ ତାଲା ପକାଇବେ

■କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କଲେ ବିଧାୟିକା, ତହସିଲଦାର

**ଢେଙ୍କାନାଳ ଅଫିସ, ୧୧।୬**

ନିଯୁକ୍ତି ଦାବିରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟିସ୍ଥିତ ରିମ୍‌ଝିମ୍ ଇସ୍ପାତ କମ୍ପାନୀ (ପୁରୁଣା ବିଆର୍‌ଜି କମ୍ପାନୀ) ମୁଖ୍ୟ ଫାଟକ ସମ୍ମୁଖରେ କୁସୁପଙ୍ଗା ଗ୍ରାମର କ୍ଷତିଗ୍ରସ୍ତ ଜମିହରା ପ୍ରଜା ଧାରଣା ଦେଇଛନ୍ତି। ସୋମବାର ସୁଦ୍ଧା ଦାବି ପୂରଣ ନ ହେଲେ କମ୍ପାନୀ ମୁଖ୍ୟ ଫାଟକରେ ତାଲା ପଡ଼ିବ। ୧୫ ତାରିଖରୁ ଆମରଣ ଅନଶନ ଆରମ୍ଭ ହେବ। ଆବଶ୍ୟକ ପଡ଼ିଲେ ୫୫ନଂ. ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ ଆରମ୍ଭ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବିଆର୍‌ଜି ଷ୍ଟିଲ୍ କମ୍ପାନୀ ବନ୍ଦ ହୋଇଯିବା ପରେ ସେଠାରେ ପ୍ରତିଷ୍ଠା ହୋଇଛି ରିମ୍‌ଝିମ୍ କାରଖାନା। ତେବେ ପୂର୍ବରୁ ବିଆର୍‌ଜି କମ୍ପାନୀରେ କାର୍ଯ୍ୟ କରୁଥିବା ଅଞ୍ଚଳର ୧୭୫ ଜମିହରା କ୍ଷତିଗ୍ରସ୍ତ ପରିବାରକୁ ନୂଆ କମ୍ପାନୀରେ ନିଯୁକ୍ତି ସୁଯୋଗ ଦିଆଯାଇନାହିଁ। ସେମାନଙ୍କ ପରିବର୍ତ୍ତେ ନୂତନ କର୍ମଚାରୀଙ୍କୁ ନେଇ କମ୍ପାନୀ କାମ ଆରମ୍ଭ କରିଛି। ଫଳରେ କାରଖାନା ପାଇଁ ଭିଟାମାଟି ହରାଇ ସର୍ବସ୍ୱାନ୍ତ ହୋଇପଡ଼ିଥିବା ସମ୍ପୃକ୍ତ କ୍ଷତିଗ୍ରସ୍ତ ପ୍ରଜାଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏ ସଂକ୍ରାନ୍ତରେ ସେମାନେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଏବଂ କମ୍ପାନୀ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସୁଫଳ ମିଳୁନାହିଁ। ସମସ୍ୟା ସମାଧାନ ପାଇଁ କମ୍ପାନୀ ତାରିଖ ଘୁଞ୍ଚାଇ ଚାଲିଛି। ତେଣୁ ସେମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

ସୂଚନା ପାଇ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଧାରଣାସ୍ଥଳକୁ ଆସି କମ୍ପାନୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ଦାବି ଯଥାର୍ଥ। ୧୭୫ ଜମିହରା ପ୍ରଜାଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ଲାଗି ବିଧାୟିକା କମ୍ପାନୀ ଅଧିକାରୀଙ୍କୁ କହିଛନ୍ତି। ସେହିପରି ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ ମଧ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। କୁସୁପଙ୍ଗା ସରପଞ୍ଚ ଅନିତା ନାୟକ, ଚିତ୍ତରଞ୍ଜନ ନାଥ, ଗ୍ରାମ ସଭାପତି ବିକଳ ନାୟକ, ଶାନ୍ତି କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ହରିହର ସାମଲ, ବିବେକାନନ୍ଦ ନାୟକ, ରାଜୀବ ଗୋପାଳ ସ୍ୱାଇଁ, ନେଉଳ ମହାନ୍ତି, ବିରଞ୍ଚି ନାରାୟଣ ନାୟକ, ବାଉରିବନ୍ଧୁ ପରିଡ଼ା, ନିତ୍ୟାନନ୍ଦ ବେହେରା, ବେଣୁଧର ସାହୁ, କୀର୍ତ୍ତନ ସାହୁ, ନୃସିଂହ ଚରଣ ସାହୁଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ମୋଟଙ୍ଗା, କଣ୍ଟାବଣିଆ ପୋଲିସ ମୁତୟନ ଅଛନ୍ତି।



ବିଧାୟିକା ସୀମାରାଣୀ ନାୟକ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

